# Akashvani, Sambalpur

## SAMBALPURI NEWS EVENING BULLETIN

**14 October 2025- 7.02 pm- 7.12 pm.**

*********************************************

୧- ଆଏବା ଗୁରୁବାର୍ ନୂଆପଡ଼ା ଗସ୍ତ କର୍‌ବେ ମୁଖ୍ୟମନ୍ତ୍ରୀ ।

- ଦଳୀୟ ପ୍ରାର୍ଥୀଙ୍କର୍ ନାମାଙ୍କନ୍ ଦାଖଲ୍ ସମିଆଥି ରହେବେ ଉପସ୍ଥିତ୍ ।

୨- ଇ-କେୱାଇସି ଦାଖଲ୍ ନାଇଁ କଲେ ଆଏବା ମାସୁ ହିତାଧିକାରୀମାନ୍‌କୁ ନାଇଁ ମିଲେ ଚାଉଲ୍ ।

୩- ପୁରୀ ଗଜପତି ମହାରାଜ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ ଶ୍ରୀମନ୍ଦିର୍ ପ୍ରକଳ୍ପ ସାଂସ୍କୃତିକ ଆଉ ବୈଷୟିକ ଉପକମିଟି ଯୁଗ୍ମ ବୈଠକ୍ ।

ଆଉର୍

୪- ରାଜ୍ୟ ସର୍‌କାର୍ ଆତ୍ମନିର୍ଭର୍ ମହିଳା ସୁବାହକ୍ ଯୋଜ୍‌ନାଥି ୧୧ ଶହ ମହିଳାଙ୍କୁ ଟେକ୍ସି ଘିନ୍‌ବାର୍ ଲାଗି ଦେବେ ଋଣ ।

ମୁଖ୍ୟମନ୍ତ୍ରୀ -ନୂଆପଡ଼ା ଗସ୍ତ          ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ଗୁରୁବାର୍ ନୂଆପଡ଼ା ଜିଲ୍ଲା ଗସ୍ତଥି ଯିବେ । ଉପ ନିର୍ବାଚନ୍ ଆଘୋନୁ ଜିଲ୍ଲା ନ ହେବାର୍‌କେ ଥିବା ବିଜେପିର୍ ମିଶ୍ରଣ ପର୍ବଥି ସାମିଲ୍ ହେବେ । ସେହିଦିନ ଉପନିର୍ବାଚନ୍ ଲାଗି ଦଳୀୟ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବାର୍‌କେ ଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ଭିଲ୍ ଉପସ୍ଥିତ୍ ରହେବେ ବଲି ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍ ସୂଚ୍‌ନା ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲା ପୁଲିସ୍ ତର୍‌ଫୁ ତୟାରି ମୁଲ୍ ହେଇଯାଇଛେ ।

ନୂଆପଡ଼ା ଉପ ନିର୍ବାଚନ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପ ନିର୍ବାଚନ୍ ଲାଗି ପ୍ରାର୍ଥୀ ପତ୍ର ଦାଖଲ୍‌ର ୨ ନମ୍ବର୍ ଦିନେ ଆଏଜ୍ ୬ ଝନ୍ ପ୍ରାର୍ଥୀ ନାମାଙ୍କନ ପତ୍ର ଘିନିଛନ୍ । ୨ ଦିନ୍ ଭିତ୍‌ରେ ମୋଟ୍ ୯ ଟା ଫର୍ମ ବିକ୍ରି ହେଇଛେ ବଲି ରିଟର୍ଣ୍ଣିଂ ଅଧିକାରୀଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ସେଆଡ଼େ ଉପନିର୍ବାଚନ୍‌କେ ନେଇକରି ନୂଆପଡ଼ା ଜିଲ୍ଲା ନ ପୁଲିସ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ ।

ଉପ ନିର୍ବାଚନ୍ ଲାଗି କଂଗ୍ରେସ୍  ଆଦିବାସୀ ନେତା ଘାସିରାମ୍ ମାଝୀଙ୍କୁ ପ୍ରାର୍ଥୀ କରିଥିଲା ବେଳେ ବିଜେଡ଼ି ଆଉ ବିଜେପି ପ୍ରାର୍ଥୀ ଚୂଡ଼ାନ୍ତ କରିଥିବାର୍ ଜନାପଡ଼ିଛେ । ଖୋବ୍ ଜଲ୍‌ଦି ପ୍ରାର୍ଥୀ ଘୋଷ୍‌ନା ହେଇପାରେ ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ ।

ଉପ ନିର୍ବାଚନ୍-ସିଇସି କଟକଣା          ହି.ସ.

ଭିନ୍ ଭିନ୍ ରାଏଜେ ହେବାର୍‌କେ ଥିବା ଉପ ନିର୍ବାଚନ୍‌କେ ନଜର୍‌ଥି ରଖିକରି ଭାରତୀୟ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ରାଜନୈତିକ୍ ଦଲ୍ ଆଉ ପ୍ରାର୍ଥୀମାନ୍‌କର୍ ଲାଗି କଟ୍‌କନା ଜାରି କରାଯାଇଛେ । ନିର୍ବାଚନ୍ ଲଢୁଥିବା ପ୍ରାର୍ଥୀମାନେ ସାମାଜିକ୍ ଗଣମାଧ୍ୟମ୍ ସହେତେ କେନ୍‌ସି ଭିଲ୍ ଓ୍ୱେବ୍‌ସାଇଟ୍‌ଥି ରାଜନୈତିକ୍ ବିଜ୍ଞାପନ୍ ନାଇଁ ଦେବାର୍‌କେ କମିଶନ୍ କହିଛନ୍ । ନିର୍ଦ୍ଧାରିତ୍ ନିୟମ୍ ଅନ୍‌ସାରେ ରାଜନୈତିକ୍ ବିଜ୍ଞାପନ୍ ମାନ୍‌କର୍ ଅନୁମୋଦନ୍ ଲାଗି ଜିଲ୍ଲା ଆଉ ରାଜ୍ୟସ୍ତର୍‌ଥି କମିଟି ଗଠନ୍ କରାଯାଇଛେ । ମିଡ଼ିଆ ସାର୍ଟିଫିକେସନ୍ ଆଉ ତଦାରଖ୍ କମିଟିର୍ ଅନୁମୋଦନ୍ ବିନା ବିଜ୍ଞାପନ୍ ପ୍ରକାଶନ୍ ଉପ୍‌ରେ ନିଷେଧାଦେଶ୍ ଜାରି କରାଯାଇଛେ । ଇତାର୍ ସହେତେ ନାମାଙ୍କନ୍ ପତ୍ର ଦାଖଲ୍ ବେଲ୍‌କେ ପ୍ରାର୍ଥୀମାନେ ସେମାନ୍‌କର୍ ପ୍ରାମାଣିକ୍ ସାମାଜିକ୍ ଗଣମାଧ୍ୟମ୍ ଏକାଉଂଟ୍‌ମାନ୍‌କର୍ ତଥ୍ୟ ଦେବାର୍‌କେ ନିର୍ଦ୍ଦେଶ୍

ଦିଆଯାଇଛେ । ସେନ୍ତା ନିର୍ବାଚନ୍ ସର୍‌ବାର୍ ୭୫ ଦିନ୍ ଭିତ୍‌ରେ ରାଜନୈତିକ୍ ଦଲ୍‌ମାନେ ସାମାଜିକ୍ ଗଣମାଧ୍ୟମ୍ ୱେବ୍‌ସାଇଟ୍ ସହେତେ ଇଂଟର୍‌ନେଟ୍ ଜରିଏ ହେଇଥିବା ପ୍ରଚାର୍ ଖର୍ଚ୍ଚାର୍ ତଥ୍ୟ ଭିଲ୍ ଦାଖଲ୍ କର୍‌ବେ ବଲି ନିର୍ବାଚନ ଆୟୋଗ୍ ନିର୍ଦ୍ଦେଶ୍ ଦେଇଛନ୍ ।

ରାସନ୍‌କାର୍ଡ୍- ଇ-କେୱାଇସି ହି.ସ.

ଇ-କେୱାସି ନାଇଁ କରିଥିଲେ ଆଏବା ମାସ୍‌ନୁ ସାଧାରଣ ବଂଟନ୍ ବ୍ୟବସ୍ଥାଥି ହିତାଧିକାରୀମାନ୍‌କୁ ଚାଉଲ୍ ନାଇଁ ମିଲେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ରାଏଜେ ଇହାଦେ ୧୫ ଲାଖ୍ ୬୭ ହଜାର୍ ହିତାଧିକାରୀ ଇ-କେୱାଇସି ନାଇଁ କରିକରି ଭିଲ୍ ଚାଉଲ୍ ପାଉଛନ୍ । ସେମାନ୍‌କୁ ଆଏବା ମାସ୍‌ନୁ ଯୋଜ୍‌ନାନୁ ବାଦ୍ ଦିଆଯିବା । ଇ-କେୱାସି କର୍‌ବାର୍ ଲାଗି ବହୁତ୍‌ଟେ ସମିଆ ଦିଆଯାଇଥିଲା । ଆଗ୍‌କେ କେନ୍ଦ୍ର ସର୍‌କାର୍ ସମିଆ ବଢ଼ାଲେ ରାଜ୍ୟ ସର୍‌କାର୍ ଭିଲ୍ ସମିଆ ବଢ଼ାବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।...
(ଭଏସ୍ ଓଭର୍-କୃଷ୍ଣଚନ୍ଦ୍ର ପାତ୍ର)

ଶ୍ରୀମନ୍ଦିର୍ ଉପକମିଟି ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ନୀଳାଦ୍ରୀ ଭକ୍ତ ନିବାସ୍ ନ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ପ୍ରକଳ୍ପ ସାଂସ୍କୃତିକ ଆଉ ବୈଷୟିକ ଉପକମିଟି ଯୁଗ୍ମ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନ୍, ଶ୍ରୀମାର୍ଗ ଆର୍ ଗୁଣ୍ଡିଚା ମନ୍ଦିର୍‌ର ଉନ୍ନତିକରଣ୍ ସହେତେ ଶ୍ରୀଜଗନ୍ନାଥ ବଲ୍ଲଭ୍ ତୀର୍ଥଯାତ୍ରୀ କେନ୍ଦ୍ରର୍ ଦେଖ୍‌ରେଖ୍, ଶ୍ରୀମନ୍ଦିର୍ ଆଦର୍ଶ ଗୁରୁକୁଳ ଅଭ୍ୟର୍ଥନା କେନ୍ଦ୍ର ଆର୍ ରଘୁନାଥ୍ ପାଠାଗାର ନିର୍ମାଣ ସହେତେ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରାଯାଇଛେ । ବୈଠକ୍‌ଥି ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ସୁରକ୍ଷା କମିଟିର୍ ମୁଖ୍ୟ ଗିରିଶ୍ ଚନ୍ଦ୍ର ମୁର୍ମୁ ଆର୍ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ୍ ଥିଲେ ।

ତାର୍ ଆଘୋନୁ ଶ୍ରୀମନ୍ଦିର୍‌ର ସୁରକ୍ଷା ଉପକମିଟି ବୈଠକ୍ ଭିଲ୍ ଶ୍ରୀ ମୁର୍ମୁଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଭକ୍ତମାନ୍‌କର୍ ସୁରକ୍ଷିତ୍ ଦର୍ଶନ୍ ଆଉ ଶ୍ରୀମନ୍ଦିର୍ ସୁରକ୍ଷା ବାବ୍‌ଦେ ଆଲୋଚନା କରାଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଶ୍ରୀମନ୍ଦିର୍‌କେ ମୋବାଇଲ୍ ଫୋନ୍ ପୁରାପୁରି ବାରଣ୍ କରାଯିବା । କେନ୍‌ସି ପୁଲିସ୍ କି ସେବାୟତ୍ ଭିଲ୍ ମନ୍ଦିର୍ ଭିତର୍‌କେ ଫୋନ୍ ନାଇଁ ନେଇପାରନ୍ । ଇତାର୍ ବଦ୍‌ଲେ ଖୋବ୍ ଜଲ୍‌ଦି ଶ୍ରୀମନ୍ଦିର୍ ନ ଓ୍ୱାକିଟକି ବ୍ୟବସ୍ଥା କରାଯିବା ବଲି ଶ୍ରୀ ମୁର୍ମୁ କହିଛନ୍ ।

(ଭଏସ୍ ଓଭର୍- ଗିରିଶ୍ ମୁର୍ମୁ)

ଆତ୍ମନିର୍ଭର୍ ମହିଳା ସୁବାହକ୍ ଆର୍‌ଏନ୍‌ୟୁ/ କଟକ୍

ମହିଳାମାନ୍‌କୁ ସଶକ୍ତ ଆଉ ରୋଜ୍‌ଗାରିଆ କର୍‌ବାର୍ ଲାଗି ସର୍‌କାର୍ ରାଏଜେ ଖୋବ୍ ଜଲ୍‌ଦି ଆତ୍ମନିର୍ଭର୍ ମହିଳା ସୁବାହକ୍ ଯୋଜ୍‌ନା ମୁଲ୍ କର୍‌ବାର୍‌କେ ଯାଉଛନ୍ । ଇ ବାବଦ୍ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ଗୁଟେ ପ୍ରସ୍ତାବ୍‌କେ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଛନ୍ । ପ୍ରସ୍ତାବ୍ ଅନ୍‌ସାରେ ୪ ବଛର୍ ଭିତ୍‌ରେ ୧୧ ଶହ ମହିଳାଙ୍କୁ କାର୍ ଘିନି କରି ଟେକ୍ସି ହିସାବେ ଚଲାବାର୍‌କେ ୧୦ ଲାଖ୍ ଟଙ୍କା ଲେଖା ବେଙ୍କ୍ ରଣ ଯୁଗେଇ ଦିଆଯିବା । ରଣର କିସ୍ତି ୫ ବଛର୍ ଭିତ୍‌ରେ ସୁଝ୍‌ବାର୍‌କେ ହେବା । ଇଥିର୍‌ଲାଗି ରାଜ୍ୟର୍ ୪ ଟା ଗାଡ଼ି ଚଲାବାର୍ ତାଲିମ୍ ଆଉ ଗବେଷଣା ପ୍ରତିଷ୍ଠାନ୍‌ନୁ ୬ ହଜାର୍ ୨ ଶହ ୧୬ ଝନ୍ ମହିଳା ତାଲିମ୍ ନେଇଛନ୍ । ଯୋଜ୍‌ନା ଅଧୀନ୍‌ଥି ଗାଡ଼ି ଘିନ୍‌ବାର୍‌କେ ସର୍‌କାର୍ ଶହେ ୧୦ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ବଲି ପ୍ରସ୍ତାବ୍‌ଥି କୁହାଯାଇଛେ । ଯୋଜ୍‌ନାର୍ କାର୍ଯ୍ୟକାରିତା ଲାଗି ପରିବହନ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଷ୍ଟିଅରିଂ କମିଟି ଗଠନ୍ କରାଯାଇଛେ ।

ରାଜ୍ୟ ସର୍‌କାର୍-ଆଭ୍ୟନ୍ତରିଣ ଅଡିଟ୍ ୱିଙ୍ଗ I&PR

ରାଜ୍ୟ ସର୍କାର୍ ଭିନ୍ ଭିନ୍ ବିଭାଗ୍ର ଆର୍ଥିକ୍ ଶୃଙ୍ଖଳାକେ ବର୍କସ୍ କର୍ବାର୍ ଲାଗି ଆଉ ୧୦ ଟା ବିଭାଗ୍ଥି ଆଭ୍ୟନ୍ତରିଣ ଅଡିଟ୍ ୱିଙ୍ଗ୍ ଗଠନ୍ କରିଛନ୍ । ଇତାର୍ ଆଘୋନୁ ୨୮ ଟା ବିଭାଗ୍ ନ ଅଡ଼ିଟ୍ ୱିଙ୍ଗ୍ ଗଠନ୍ କରାଯାଇଥିଲା । ଇ ସଂଖ୍ୟା ଇହାଦେ ୩୮ ହେଇଛେ ।

ଦିଆଲି- ମାର୍ଗଦର୍ଶିକା ଆର୍ଏନ୍ୟୁ/ କଟକ୍

ଦିଆଲୀ ଆଘୋନୁ ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ ବୋର୍ଡ୍ ତର୍ଫୁ ଫଟ୍କା ଫଟାବାର୍କେ ନେଇକରି ମାର୍ଗଦର୍ଶିକା ଜାରି କରାଯାଇଛେ । ଇ ବଛର୍ ଦିଆଲି ବେଲ୍କେ ଫଟ୍କା ଫଟାବାର୍ ସମିଆ ସନ୍ଧ୍ୟା ୭ ନୁ ୯ ବଜେ ଭିତ୍ରେ ରଖାଯାଇଛେ । ନିୟମ୍ ନାଇଁ ମାନ୍ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ନାମାଥି କୁହାଯାଇଛେ ।

ଜେଲ୍ ପରିଦର୍ଶନ ନିର୍ଦ୍ଦେଶ୍ନାମା ହି.ସ.

ସବୁ ଜେଲ୍ମାନ୍କୁ ଅଚାନକ୍ ପରିଦର୍ଶନ୍ କର୍ବାର୍ ଲାଗି ଜେଲ୍ ବିଭାଗ୍ ମହାନିର୍ଦ୍ଦେଶକଙ୍କର୍ ତର୍ଫୁ ନିର୍ଦ୍ଦେଶ୍ନାମା ଜାରି

କରାଯାଇଛେ । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କୁ ଚିଠି କରାଯାଇଛେ । ଜେଲ୍‌ମାନ୍‌କେ ବନ୍ଦ୍ ଥିବା ଦୋଷୀ ଆର୍ ବିଚାରାଧୀନ କଏଦୀମାନ୍‌କର୍ ସୁବିଧା ଅସୁବିଧା ବୁଝ୍‌ବାର୍ ସହେତେ ସେମାନ୍‌କୁ ମୌଳିକ୍ ସୁବିଧା ମିଲିପାରୁଛେ କି ନାଇଁ ତାର୍ ତଦାରଖ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଏସଆଇଆର୍ ବୈଠକ୍ I&PR

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍‌ଙ୍କର୍ ଅଧ୍ୟକ୍ଷତାଥି ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍.ଆଇ.ଆର୍. ଉପ୍‌ରେ ଗୁଟେ ଆଭାସୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଏସ୍‌ଆଇଆର୍ ର ମହତ୍ ଉଦ୍ଦେଶ୍ୟ, ଆବଶ୍ୟକତା ଆର୍ ମତାଦାତାଙ୍କର୍ ଯୋଗ୍ୟତା ସହେତେ ଇତାକେ ନେଇକରି ଭୁଲ୍ ସୂଚ୍‌ନାର୍ ତୁର୍‌ତି ମୁକାବିଲା କର୍‌ବାର୍ ଦିଗେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଗୋପାଲନ୍ ଜୋର୍ ଦେଇଛନ୍ । ଇ ବାବ୍‌ଦେ ତଲ୍‌ସ୍ତର୍‌ତକ୍ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀମାନେ ବଡ଼ ଭୂମିକା ନେବେ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ ଆର୍‌ଏନ୍‌ୟୁ/ କଟକ୍

ବୈଦ୍ୟୁତିକ କଚ୍‌ରାକେ କମ୍ କର୍‌ବାର୍ ଆଉ ଇତାର୍ ଫେର୍‌ଘାଏ ବେଭାର୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ୍ ପାଲନ୍ କରାଯାଉଛେ । ୨୦୧୮ ମସିହାନୁ ଫି’ ବଛର୍ ଅକ୍ଟୋବର୍ ୪ ତାରିଖ୍ ଦିନ ଇ-ଆବର୍ଜନା ଦିବସ୍ ପାଲନ୍ ହଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ ନିଜର୍ ଇ-କଚ୍‌ରାକେ ଫେର୍‌ଘାଏ ବେଭାର୍ କର୍‌ବାର୍ ଜରୁରୀ ଆଏ ।

ରାଷ୍ଟ୍ରୀୟ ପୋଷଣ ମାସ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ତପସ୍ୱିନୀ ପ୍ରେକ୍ଷାଳୟ ନ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଲନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପୋଷଣ୍ ଅଭିଯାନ୍‌କେ ସଫଲ୍ କର୍‌ବାର୍ ଦିଗେ ଅଙ୍ଗନବାଡ଼ି କର୍ମୀମାନେ ସାମାଜିକ୍ ପରିବର୍ତନ୍‌କାରୀ ଭାବେ କାମ୍ କରୁଛନ୍ ବଲି କହିଛନ୍ । ଜିଲ୍ଲା ନ କୁପୋଷଣ ଦୂର୍ କର୍‌ବାର୍ ଲାଗି ସଭେ ମିଲିମିଶି କାମ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଇ ଅବ୍‌ସରେ ଆହ୍ୱାନ୍ ଦେଇଛନ୍ ।

ବର୍‌ଗଡ୍‌- ଜିଏସ୍‌ଟି ଉତ୍ସବ ବର୍‌ଗଡ୍‌ ସମ୍ବାଦଦାତା

ବର୍‌ଗଡ୍‌ ନ ଚାଟାର୍ଡ ଏକାଉଂଟାଂଟ୍‌ ସଂଘ ତର୍‌ଫୁ ଜିଏସ୍‌ଟି ଉତ୍ସବ୍‌ ପାଲିତ୍‌ ହେଇଯାଇଛେ । ବର୍‌ଗଡ୍‌ ସାଂସଦ୍‌ ପ୍ରଦୀପ୍‌ ପୁରୋହିତ୍‌ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍‌ ଦେଇକରି ଜିଏସ୍‌ଟି ଦର୍‌ କମ୍‌ କର୍‌ବାର୍‌ ଲାଭ୍‌ ବାବ୍‌ଦେ ଆଲୋଚନା କରିଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍‌ ସବ୍‌କା ସାଥ୍‌ ସବ୍‌କା ବିକାଶ୍‌ ସ୍ଲୋଗାନ୍‌କେ ସଫଲ୍‌ କର୍‌ବାର୍‌ ଲାଗି ଜିଏସ୍‌ଟି କମ୍‌ କର୍‌ବାର୍‌ ପଦକ୍ଷେପ୍‌ ବହୁତ୍‌ ସହଯୋଗ୍‌ କର୍‌ବା ବଲି ଅତିଥି ମାନେ କହିଥିଲେ ।

ଅଧିକାର୍‌ ମିତ୍ର-ତାଲିମ୍‌ ଶିବିର୍‌ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ ଅନ୍ତର୍ଗତ୍‌ ଅଧିକାର୍‌ ମିତ୍ରଙ୍କର୍‌ ଦକ୍ଷତା ବୃଦ୍ଧି ଲାଗି ଗୁଟେ ତାଲିମ୍‌ ଶିବିର୍‌ ହେଇଯାଇଛେ । ଶିବିର୍‌ଥି ପ୍ରାଧିକରଣ୍‌ର ସଚିବ ନବନୀତା ଦାସ ଆଉ ଅଲ୍‌ଗା ବରିଷ୍ଠ ଆଇନ୍‌ଜୀବୀମାନେ ଯୋଗ୍‌ ଦେଇକରି ଭିନ୍‌ ଭିନ୍‌ ଆଇନ୍‌ ଆଉ ଯୋଜ୍‌ନା ବାବ୍‌ଦେ ଅଧିକାର୍‌ ମିତ୍ରମାନ୍‌କୁ ତାଲିମ୍‌ ଦେଇଛନ୍‌ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ବର୍ଷା ହେଇପାରେ । କଲାହାଣ୍ଡି ସହେତେ ୮ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ମାରିକରି ଧୁକାଗଡ଼ି ହେଇପାରେ ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।